## ସଂକ୍ଷେପରେ

### କେଏସ୍‌ୟୁବି କଲେଜରେ ଆତ୍ମ ନିଯୁକ୍ତି କର୍ମଶାଳା

ଭଞ୍ଜନଗର,୨୬।୪(ଡି.ଏନ.ଏ):ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ (କେଏସୟୁବି) ମହାବିଦ୍ୟାଳୟରେ ମଙ୍ଗଳବାର ଆତ୍ମନିଯୁକ୍ତି ଏବଂ ଭବିଷ୍ୟତ ଗଠନ ସମ୍ପର୍କିତ ଏକ କର୍ମଶାଳା ହୋଇଥିଲା। ଯୁକ୍ତ୨ ପାସ୍ କରିଥିବା ଛାତ୍ରମାନଙ୍କୁ ଫାଇନାନ୍ସ ସଂସ୍ଥାରେ ନିଯୁକ୍ତି ପାଇଁ ଏହି କ୍ୟାମ୍ପସ ହୋଇଥିଲା। ଏଥିରେ ବହୁ ଛାତ୍ର ଭାଗନେଇ ନିଯୁକ୍ତି ସୁଯୋଗ ପାଇଥିଲେ। ଅଧକ୍ଷ ଡ. ସୁବାସ ଚନ୍ଦ୍ର ପ୍ରଧାନ ଶିବିରରେ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଡ. ପୀତବାସ ପାଳ, ରାଜେନ୍ଦ୍ର କୁମାର ଦାସ, ଅଧାପିକା ଅନିତା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରମାନେ କିଭଳି ଭବିଷ୍ୟତ ଗଠନ କରିବେ ସେ ନେଇ କହିଥିଲେ ।

### ଉଠା ଦୋକାନୀ ସଂଘ ବୈଠକ

ବ୍ରହ୍ମପୁର ଅଫିସ,୨୬।୪-ସ୍ୱେଚ୍ଛାସେବୀ ସଂଗଠନ ଆଶ୍ରା ଓ ନାସ୍‌ଭି ଆନୁକୂଲ୍ୟରେ ୨ ଦିନିଆ ଦକ୍ଷତା ବିକାଶ ସମ୍ପର୍କିତ ଏକ ବୈଠକ ମଙ୍ଗଳବାର ଗେଟ ବଜାର ଏନଜିଓ ହଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ସହରର ୧୦୦ଟି ଖାଦ୍ୟପେୟ ଉଠା ଦୋକାନୀମାନେ ଯୋଗ ଦେଇଥିଲେ। ରାଷ୍ଟ୍ରୀୟ ଉଠା ଦୋକାନୀ ମହାସଂଘ ଜିଲା ସମ୍ପାଦକ ଗୌରୀ ଶଙ୍କର ଦାଶ ଅଧକ୍ଷତା କରିଥିଲେ। ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ମାନସ ରଞ୍ଜନ ପଣ୍ଡା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଖାଦ୍ୟ ପଦାର୍ଥର ପ୍ରସ୍ତୁତି, ସୁରକ୍ଷା, ସ୍ୱଚ୍ଛତା, ଉଠା ଦୋକାନୀମାନଙ୍କ ଅଧିକାର ଓ ସମାଜରେ ସେମାନଙ୍କ ସ୍ଥାନ ଓ ସରକାରଙ୍କର ନୀତି ସହିତ ଉଠା ଦୋକାନୀଙ୍କ ଅଧିକାର ବିଷୟରେ ଆଲୋଚନା ହୋଇଥିଲା। ଏଥିସହ ଖାଦ୍ୟ ପ୍ରସ୍ତୁତି ବେଳେ ସାବଧାନତା ଏବଂ ଖାଦ୍ୟ ବ୍ୟବସାୟ ଲାଗି ପଞ୍ଜୀକରଣ ବ୍ୟବସ୍ଥା ଓ ଭାରତୀୟ ରାସ୍ତା କଡ ବ୍ୟବସାୟୀ ଅଧିନିୟମ ୨୦୧୪ ବିଷୟରେ ମଧ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧରେ ସୁରିଜିତ ମୁଖାର୍ଜୀ ଓ ଅଜିତ କୁମାର ପରିଚାଳନାରେ ସହଯୋଗ କରିଥିଲେ।

### ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା
### ୮ ପରିବାରଙ୍କୁ ୧୬ ଲକ୍ଷ ପ୍ରଦାନ

ସୋରଡା,୨୬।୪(ଡି.ଏନ୍.ଏ.):ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ଅନ୍ତର୍ଭୁକ୍ତ ୮ଜଣ ହିତାଧିକାରୀଙ୍କ ପରିବାରଙ୍କୁ ୨ ଲକ୍ଷ ହିସାବରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ସୋରଡା ସଖା ତରଫରୁ ୧୬ ଲକ୍ଷଟଙ୍କା ପ୍ରଦାନ କରାଯାଇଛି । ପଞ୍ଚାୟତ ସମିତ କର୍ଯ୍ୟାଳୟ ପରିସରରେ ବି ସୀମାଞ୍ଚଳ ପ୍ରଧାନଙ୍କ ଉପସ୍ଥିତିରେ ଶାଖା ପରିଚାଳକ ପ୍ରକାଶ ଚନ୍ଦ୍ର ବେହେରା, ଅଧିକାରୀ ଦିବାକର ସେଠୀ ଓ ଗ୍ରାହକ ସେବା କେନ୍ଦ୍ରଗୁଡ଼ିକର ସିଏସ୍‌ପିମାନେ ଉପସ୍ଥିତ ଥିଲେ। ଏହି ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀମାନଙ୍କ ମଧ୍ରୁ ଅଚାନକ ରୋଗରେ ପୀଡିତ ହୋଇ ମୃତ୍ୟୁ ବରଣ କରିଥିବା ପରିବାରର ସଦସ୍ୟ ଦିଲୀପ ଜେନା, ପାଣ ଗଉଡ, ଅରୁଣ ନାୟକ, ଦିଲୀପ ଜେନା, ନର୍ମଦା ପାତ୍ର, ଭାଗ୍ୟଲତା ବେହେରା, ସୁନିତା କୁମାରୀ ପାଢ଼ୀ, ମମତା ସେଠୀ ପ୍ରମୁଖଙ୍କୁ ଆୟୋଜିତ କାର୍ଯ୍ୟକ୍ରମରେ ଖାତା ମାଧମରେ ଅର୍ଥ ପ୍ରଦାନ କରାଯାଇଛି। ସମସ୍ତ କାର୍ଯ୍ୟକ୍ରମକୁ ବି ସୁଶାନ୍ତ କୁମାର ପାତ୍ର ପରିଚାଳନା କରିଥିଲେ। ଏହି ଯୋଜନାରେ ସମସ୍ତ ଯୋଗ୍ୟ ଜନସାଧାରଣ ସାମିଲ ହୁଅନ୍ତୁ ବର୍ଷକୁ ମାତ୍ର ୩୩୦ ଟଙ୍କା ଜମା କରି ପରିବାରର ସୁରକ୍ଷା ପାଇଁ ଚେଷ୍ଟିତ ହୁଅନ୍ତୁ ବୋଲି ଜନସାଧାରଙ୍କୁ ସଚେତନ କରାଯାଇଥିଲା।

# କୃଷ୍ଣଚନ୍ଦ୍ର ଗଜପତିଙ୍କୁ ସମ୍ମାନ ଦେଉଥିଲେ ବିଜୁବାବୁ

ବ୍ରହ୍ମପୁର ଅଫିସ,୨୬।୪

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପ୍ରଥମ ପ୍ରଧାନମନ୍ତ୍ରୀ (ମୁଖ୍ୟମନ୍ତ୍ରୀ) ସ୍ୱର୍ଗତ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ବ୍ରହ୍ମପୁରରେ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାରାଜାଙ୍କ ସହ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନିବିଡ଼ ସମ୍ପର୍କ ନେଇ ମନେ ପକାଯାଇଥିଲା। ଗଜପତିଙ୍କୁ ବିଜୁ ବାବୁ ସର୍ବଦା ସମ୍ମାନ ଦେଉଥିବାରୁ ସ୍ମୃତିଚାରଣ କରାଯାଇଥିଲା।
ସୂଚନାଯୋଗ୍ୟ, ୧୯୬୦ ଦଶକ ପ୍ରଥମ ଭାଗରେ ବିଜୁ ମୁଖ୍ୟମନ୍ତ୍ରୀ ଥିବା ବେଳେ ବ୍ରହ୍ମପୁରରେ ମେଡିକାଲ କଲେଜ ଆରମ୍ଭ ହୋଇଥିଲା। ନାମ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ରଖାଯାଇଥିଲା। ୧୯୯୦ରେ ପୁଣି ମୁଖ୍ୟମନ୍ତ୍ରୀତ୍ୱ ବେଳେ ରାଜ୍ୟରେ ଜିଲା ପୁନର୍ଗଠନ କରାଯାଇଥିଲା ଏବଂ ଗଞ୍ଜାମକୁ ବିଭାଜିତ କରି ପାରଳାଖେମୁଣ୍ଡି ସବ୍‌ଡିଭିଜନକୁ ନେଇ ନୂଆ ଜିଲା ପ୍ରଥମେ ଗଠନ ହେଲା। ମହାରାଜାଙ୍କ ସ୍ମୃତିରେ ଜିଲାର ନାମ ଗଜପତି ଘୋଷଣା କରାଗଲା। ଏମ୍‌କେସିଜି ମେଡିକାଲ କଲେଜ ପରିସରରେ ଗଜପତିଙ୍କ କ୍ଷୁଦ୍ର ପ୍ରତିମୂର୍ତ୍ତି ସ୍ଥାପନ ହୋଇଥିଲା। ଏହା ଲୋକଲୋଚନରେ ନ ଥିଲା। ତେଣୁ ଚନ୍ଦ୍ରଶେଖର ସାହୁ ବ୍ରହ୍ମପୁର ପୌର ସଂସ୍ଥାର ଦ୍ୱିତୀୟଥର ନଗରପାଳ ହେବା ପରେ କୃଷ୍ଣଚନ୍ଦ୍ରଙ୍କ ଏକ ବିଶାଳ ପ୍ରତିମୂର୍ତ୍ତି ନିର୍ମିତ କରାଇଥିଲେ। ତାହା ସହରର କେନ୍ଦ୍ରସ୍ଥଳ ବିଜୟା ଛକରେ ସ୍ଥାପନ କରାଯାଇଥିଲା। ୧୯୯୨ ଏପ୍ରିଲ ୨୬ରେ ତାହାକୁ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଉନ୍ମୋଚନ କରିଥିଲେ। ନିଖୁଣ ମୂର୍ତ୍ତି ଦେଖି ଶିଳ୍ପୀଙ୍କୁ ନଗଦ ଅର୍ଥ ରାଶି ପୁରସ୍କାର ମଧ ଦେଇଥିଲେ। ତଥ୍ୟାନୁସାରେ ବିଜୁବାବୁଙ୍କ ପିତା ବିଚାର ବିଭାଗର ବରିଷ୍ଠ ଅଧିକାରୀ ପଦରୁ ଅବସର ନେବା ପରେ ପାରଳା ମହାରାଜା କୃଷ୍ଣଚନ୍ଦ୍ରଙ୍କ ଦେୱାନ ଥିଲେ। ତେଣୁ ବିଜୁ ବାବୁ ବିଭିନ୍ନ ସମୟରେ ପାରଳାଖେମୁଣ୍ଡି ଯାଉଥିଲେ। ଗଜପତିଙ୍କ ସହିତ ସେବେଠାରୁ ଘନିଷ୍ଠତା ଆରମ୍ଭ ହୋଇଥିଲା। ଅପରପକ୍ଷରେ ଗଜପତି ପରିବାର ଓ ବିଜୁବାବୁଙ୍କ


ବ୍ରହ୍ମପୁର କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତି ।

## ପାରିବାରିକ ସମ୍ପର୍କ ଏବେବି ଅତୁଟ

ପରିବାର ମଧ୍ୟରେ ସମ୍ପର୍କ ଅତୁଟ ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ବ୍ରହ୍ମପୁରରେ ଡିଗ୍ରୀ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ହେଲା। ନାମ ପାରଳା ଇଞ୍ଜିନିୟରିଂ କଲେଜ ରଖାଯାଇଛି। ନବୀନଙ୍କ ଏହି ନାମକରଣ ପାରିବାରିକ ନିବିଡ଼ତାକୁ ପ୍ରମାଣିତ କରିଛି। ସେହିପରି କୃଷ୍ଣଚନ୍ଦ୍ରଙ୍କ ନାତି ତଥା ପୂର୍ବତନ ଏମ୍‌ପି ଗୋପୀନାଥ ଗଜପତିଙ୍କ ଅସୁସ୍ଥତା ବେଳେ ଦକ୍ଷିଣ ଭାରତର ନାମୀଦାମୀ ଘରୋଇ ଡ଼ାକ୍ତରଖାନାରେ ତାଙ୍କ ଚିକିତ୍ସା କରାଗଲା। ସମସ୍ତ ଖର୍ଚ୍ଚ ନବୀନ ସରକାର ବହନ କରିଥିଲେ। କେବଳ ସେତିକି ନୁହେଁ ଗୋପୀନାଥଙ୍କ ଝିଅ ତଥା ପାରଳା ରାଜକୁମାରୀ କଲ୍ୟାଣୀ ଗଜପତିଙ୍କୁ ବିଜେଡିରେ ମିଶାଇ ତାଙ୍କୁ ୨୦୧୯ ନିର୍ବାଚନରେ ପାରଳା ବିଧାୟିକା ପ୍ରାର୍ଥୀ କରାଇଥିଲେ ନବୀନ। ତେଣୁ ଗଜପତି ଓ ବିଜୁ ପରିବାର ମଧ୍ୟରେ ସମ୍ପର୍କ ଅତୁଟ ଥିବା ଚର୍ଚ୍ଚା ହେଉଛି।

### ଉତ୍କଳ ସମ୍ମିଳନୀ ପାଳିଲା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ

ବ୍ରହ୍ମପୁର ଅଫିସ,୨୬।୪

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପ୍ରମୁଖ କର୍ଣ୍ଣଧାର ନବ ଉତ୍କଳର ନିର୍ମାତା ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ପାରଳା ମହାରାଜା କୃଷ୍ଣ ଚନ୍ଦ୍ର ଗଜପତିଙ୍କ ୧୩୧ତମ ଜୟନ୍ତୀ ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲା ଶାଖା ପକ୍ଷରୁ ମଙ୍ଗଳବାର ପାଳିତ ହୋଇଯାଇଛି। ଗିରି ମାର୍କେଟ ଛକ ସ୍ଥିତ ପାରଳା ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ସମ୍ମିଳନୀ ସଭାପତି ଡ ସୁବ୍ରତ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସଭାପତି ଡା.ନକୁଳ ସାହୁ, ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ଓ ସମ୍ମିଳନୀ ରାଜ୍ୟ ପରିଷଦ ସଦସ୍ୟ କାହ୍ନୁ ବାଳକୃଷ୍ଣ ବିହାରୀଙ୍କ ସମେତ ଭୀଷ୍ମାଚାର୍ଯ୍ୟ ଚୌଧୁରୀ, ନିତ୍ୟାନନ୍ଦ ପାଢ଼ୀ ଓ ଅନ୍ୟାନ୍ୟ ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ପାରଳା ମହାରାଜାଙ୍କ ଅବଦାନ ଅତୁଳନୀୟ। ତାଙ୍କ ଯୋଗୁ ଓଡ଼ିଆ ଜାତି ୧୯୩୬ ଏପ୍ରିଲ ୧ରେ ତାର ହୃତଗୌରବ ଫେରି ପାଇଥିଲା ବୋଲି ବକ୍ତାମାନେ କହିଥିଲେ।

# ଓଡିଆ ଭାଷାରେ ନାମଫଳକ ଦାବି

ବ୍ରହ୍ମପୁର ଅଫିସ,୨୬।୪

ସଂସ୍କାରବାଦୀ ସଂଗଠନ ପକ୍ଷରୁ ମଙ୍ଗଳବାର ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ୧୩୧ତମ ଜୟନ୍ତୀ ପାଳିତ ହୋଇଯାଇଛି। ସଂଘ ପକ୍ଷରୁ ଗିରି ମାର୍କେଟ ସ୍ଥିତ ପାରଳା ମହାରାଜାଙ୍କ ପ୍ରତିମୂର୍ତ୍ତିଠାରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ସଂଘ ପକ୍ଷରୁ ଓଡିଆରେ ନାମ ଫଳକ ନ ଥିଲେ ଗଣଧାରଣା ଦିଆଯିବା ନେଇ ନିଷ୍ପତ୍ତି ହୋଇଥିଲା। ଓଡିଶାର ପ୍ରଶାସନ ଓ ଶାସକ ଦଳର ଇଚ୍ଛାରେ ଅଭାବ ଯୋଗୁ ଓଡିଆ ଭାଷାର ବିକାଶରେ ବାଧା ସୃଷ୍ଟି ହେବା ସାଙ୍ଗକୁ ଭାଷା ଆଇନ ନାଲି ଫିତାରେ ବନ୍ଧା ହୋଇ ପଡିଛି ବୋଲି ସଂଘର ସଭାପତି ତ୍ରିନାଥ ମହାରଣା କହିଛନ୍ତି। ୨୦୦୬ରୁ ସଂସ୍କାରବାଦୀ ସଂଗଠନ ପକ୍ଷରୁ ଭାଷା ଆନ୍ଦୋଳନ କରି ସଫଳ ହୋଇଛି। ଏଣୁ ଆଗାମୀ ଦିନରେ ଓଡିଆ ଭାଷାରେ ନାମ ଫଳକ ନ ଥିଲେ ସଂଘ ପକ୍ଷରୁ ଗଣଧାରଣା ଦିଆଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଆଜିର ଜୟନ୍ତୀ ଉତ୍ସବରେ ଏସଏମଆଇଟି ସଭାପତି ଭଗବାନ ଗନ୍ତାୟତ, ଉତ୍କଳ ପରିଷଦ ସମ୍ପାଦକ ପ୍ରମୋଦ କୁମାର ପଣ୍ଡା, କୃଷକ ନେତା ବୃନ୍ଦାବନ ଖଟେଇଙ୍କ ସମେତ ସରିତା ପଣ୍ଡା, ଲଳିତ ମୋହନ ସାହୁ, ରବି ରଥ, ବିଜୟ କୁମାର ବେହେରା ଓ ଲିଙ୍ଗରାଜ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଅଭିଯୁକ୍ତଙ୍କୁ ୨୦ ବର୍ଷ କାରାଦଣ୍ଡ

## ନାବାଳିକା ବଳାତ୍କାର ମାମଲା

ବ୍ରହ୍ମପୁର ଅଫିସ,୨୬।୪

ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ କୋର୍ଟ ପୋକ୍‌ସୋ ଜଜ୍ ତଥା ଅତିରିକ୍ତ ଦୌରା ଜଜ୍ ଗୁରୁପ୍ରସାଦ ସାହୁ ମଙ୍ଗଳବାର ଏକ ବଳାତ୍କାର ମାମଲାର ଶୁଣାଣି କରିଥିଲେ। ପ୍ରମାଣ ମିଳିବାରୁ ଅଭିଯୁକ୍ତ ଦେବାନନ୍ଦ ଦାସଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ସେ ତାଙ୍କ ରାୟ ପ୍ରକାଶ କରିଛନ୍ତି। ଏହାସହିତ ଅଭିଯୁକ୍ତ ଜଣଙ୍କୁ ୨୦ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦାୟ ଅତିରିକ୍ତ ୧ ବର୍ଷ ଜେଲ ଦଣ୍ଡରେ ତାଙ୍କୁ ଦଣ୍ଡିତ କରାଯିବା ପାଇଁ ମଧ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜଜ୍ ପୀଡ଼ିତାଙ୍କୁ ଥଇଥାନ ପାଇଁ ୫ ଲକ୍ଷର ଆର୍ଥିକ ସହାୟତା ଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିବା ନେଇ ସ୍ୱତନ୍ତ୍ର ପିପି ନରେଶ ପ୍ରସାଦ ପାତ୍ର ସୂଚନା ଦେଇଛନ୍ତି। ପ୍ରକାଶ ଯେ,୨୦୧୯ ଅକ୍ଟୋବର ୧୮ତାରିଖ ଅପରାହ୍ନରେ ଜଣେ ନାବାଳିକାଙ୍କ ପାଟି ବନ୍ଦକରି ଦେବାନନ୍ଦ ନିଜ ଘରକୁ ନେଇ ବଳାତ୍କାର କରିଥିଲେ। ପୀଡ଼ିତା ଜଣଙ୍କ ତାଙ୍କ ମା'ଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ମା' ଏନେଇ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନମ୍ବର ୨୬୫/୧୯ ଅନୁସାରେ ଅଭିଯୁକ୍ତ ଦେବାନନ୍ଦ ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମଙ୍ଗଳବାର ମାମଲାର ବିଚାର କରାଯାଇ ୧୬ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଜଜ୍ ଅଭିଯୁକ୍ତ ଦେବାନନ୍ଦଙ୍କ ବିରୋଧରେ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନରେଶ ପ୍ରସାଦ ପାତ୍ର ମକଦ୍ଦମା ପରିଚାଳନା କରିଥିଲେ।

### ପେଟ୍ରୋଲ ଢାଳି ଭାଣିଜୀଙ୍କୁ ହତ୍ୟା ଉଦ୍ୟମ
### ଅଭିଯୁକ୍ତ ମାମୁ ଗଲେ ଜେଲ

ବ୍ରହ୍ମପୁର ଅଫିସ,୨୬।୪

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ କୋର୍ଟପେଟା ନିକଟ ବୈଦ୍ୟନଗରରେ ସୋମବାର ରାତିରେ ନାବାଳିକା ଭାଣିଜୀ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ତାଙ୍କ ମାମୁ ହତ୍ୟା ଉଦ୍ୟମ କରିଥିଲେ। ଏହି ଘଟଣାରେ ମାମୁ ସିପ୍ରିୟନ ଦିଗାଲ (୬୨)ଙ୍କୁ ପୋଲିସ ଗିରଫ କରିଛି। ମାମଲା ନଂ.୧୧୭/୨୨ରେ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ପୋଡ଼ି ହୋଇ ଗୁରୁତର ଥିବା ନାବାଳିକାଙ୍କୁ ପ୍ରଥମେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।
ସୂଚନାଯୋଗ୍ୟ, ସିପ୍ରିୟନଙ୍କ ପୁଅ ଓ ବୋହୂ ବାଙ୍ଗାଲୋରରେ ଏକ ଘରୋଇ କମ୍ପାନୀରେ କାମ କରନ୍ତି। ନାବାଳିକା ଭଉଣୀଙ୍କୁ ଘରେ ରଖିବାକୁ ସିପ୍ରିୟନଙ୍କ ପୁଅଙ୍କୁ ବର୍ଷେ ତଳେ ତାଙ୍କ ପିଉସୀ କହିଥିଲେ। ପରେ ସେମାନେ ନାବାଳିକା ଭଉଣୀଙ୍କୁ ନେଇ ବେଙ୍ଗାଲୁର ଚାଲି ଯାଇଥିଲେ। ସେଠାରେ ନାବାଳିକାଙ୍କୁ ଚାକରାଣୀ ଭଳି ରଖିବା ସହ ନାନା ନିର୍ଯାତନା ଦେଉଥିବା ଜାଣିବା ପରେ ମା' ଏନେଇ ଚାଇଲ୍‌ଡ ଲାଇନ୍‌ରେ ଅଭିଯୋଗ କରିଥିଲେ। ଚାଇଲ୍‌ଡ ଲାଇନ ଗତ କିଛିଦିନ ତଳେ ବେଙ୍ଗାଲୁରୁରୁ ନାବାଳିକାଙ୍କୁ ଉଦ୍ଧାର କରି ତାଙ୍କ ମା'ଙ୍କୁ ହସ୍ତାନ୍ତର କରିଥିଲେ। ଏହାର ପ୍ରତିଶୋଧ ନେବା ପାଇଁ ମାମୁ ସିପ୍ରିୟନ ଏଭଳି ଭାବେ ହତ୍ୟା ଉଦ୍ୟମ କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

# ଭାଜପା ସମୀକ୍ଷା ବୈଠକରେ ଲେଖାଶ୍ରୀ

ବ୍ରହ୍ମପୁର ଅଫିସ,୨୬।୪

ବ୍ରହ୍ମପୁର ମହାନଗର ପୌର ନିର୍ବାଚନରେ ଭୋଟ ଫଳାଫଳ ନେଇ ଭାଜପାର ସମୀକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ସରକାରୀ ବାବୁମାନଙ୍କ ଅହେତୁକ ଅନୁକମ୍ପା ଓ ପରୋକ୍ଷ ସହଯୋଗରେ ଶାସକ ବିଜେଡିକୁ ସଫଳତା ମିଳିଥିବା ଅଭିଯୋଗ କରାଯାଇଥିଲା। ଏଥିରେ ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତ ସିଂହାର ଯୋଗ ଦେଇଥିଲେ। ବିଭିନ୍ନ ୱାର୍ଡରେ ପରାଜିତ କର୍ପୋରେଟର ପ୍ରାର୍ଥୀମାନଙ୍କ ସହ ଆଲୋଚନା କରି ବିଫଳତା ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ଆଗାମୀ ସାଧାରଣ ନିର୍ବାଚନ ପାଇଁ ଏବେଠୁ ପ୍ରସ୍ତୁତ ହେବାକୁ ସେ ପରାମର୍ଶ ଦେଇଥିଲେ। ବୈଠକରେ ଗଞ୍ଜାମ ସାଙ୍ଗଠନିକ ଜିଲା ସଭାପତି ବିଭୂତି ଭୂଷଣ ଜେନା ଅଧକ୍ଷତା କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ସରୋଜ ସାବତ, ନୀଳମଣି ବିଶୋୟୀଙ୍କ ସମେତ ପ୍ରଭାତ ଷଡ଼ଙ୍ଗୀ, ସୁନୀଲ ସାହୁ ଓ ଅନ୍ୟମାନେ ଯୋଗ ଦେଇଥିଲେ। ନିର୍ବାଚିତ କର୍ପୋରେଟର ଡ଼ି. କରୁଣାକର, ପ୍ରଦୀପ ଶତପଥୀ, ନୀଳକଣ୍ଠ ସାହୁ, ରଞ୍ଜିତା ବେହେରା, ବନିତା ସାହୁ, ସାବିତ୍ରୀ ନାୟକ, ସବିତା ସାହୁ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ ଉପସ୍ଥିତ ଭାଜପା ନେତୃବୃନ୍ଦ ।

### ଡିଇଓଙ୍କ ଆକ୍ରମଣକୁ ପ୍ରାଥମିକ ଶିକ୍ଷକ ସଂଘର ନିନ୍ଦା

ବ୍ରହ୍ମପୁର ଅଫିସ,୨୬।୪

ଗଞ୍ଜାମ ଜିଲା ଶିକ୍ଷାଧିକାରୀ ବିନିତା ସେନାପତିଙ୍କୁ ଆକ୍ରମଣ ପ୍ରତିବାଦରେ ମଙ୍ଗଳବାର ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ଧାରଣା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଘଟଣାର ଉଚିତ ନ୍ୟାୟ ନ ମିଳିଲେ ବୁଧବାରଠାରୁ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କଲମ ଛାଡ ଆନ୍ଦୋଳନ ପାଇଁ କର୍ମଚାରୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି। ସେହିଭଳି ଜିଲା ଶିକ୍ଷାଧିକାରୀ ଆକ୍ରମଣକୁ ଗଞ୍ଜାମ ଜିଲା ପ୍ରାଥମିକ ଶିକ୍ଷକ ସଂଘ ଦୃଢ ନିନ୍ଦା କରିଛି। ଏହି ଅବସରରେ ସଂଘ ପକ୍ଷରୁ ଏନିଜିଓ ହଲ ପରିସରରେ ଏକ ବୈଠକ କରାଯାଇ ନିନ୍ଦା ପ୍ରସ୍ତାବ ଗୃହୀତ ହୋଇଛି। ଏଥିରେ ସଂଘର ସଭାପତି ସାରଥି ପାତ୍ର, ସାଧାରଣ ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ମହାରଣା, ଏନପିଏସ ଶିକ୍ଷକ ସଂଘ ରାଜ୍ୟ ସଭାପତି ରାଜେଶ ମହାନ୍ତି, ମହାନଗର ଶିକ୍ଷକ ସଂଘ ସଭାପତି ରାଜେଶ କୁମାର ତାରିଣୀଙ୍କ ସମେତ ବିଜୟ କୁମାର ଦାଶ, ଏ.ପୁଷ୍ପଲତା ଓ କୋରାମଣି ପାତ୍ର ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ।


କର୍ମଚାରୀଙ୍କ ପକ୍ଷରୁ ଧାରଣା।

### ବିଶ୍ୱ ମ୍ୟାଲେରିଆ ଦିବସ

ଫୁଲବାଣୀ ଅଫିସ, ୨୬।୪

ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ହୋଇଯାଇଛି। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କଲ୍ୟାଣୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଭାକର ସାହୁ ଯୋଗଦେଇ ମ୍ୟାଲେରିଆ ପ୍ରକୋପ ଓ ଏହାକୁ କିପରି ପ୍ରତିହତ କରାଯିବ ତାହା ଉପରେ ଆଲୋଚନା କରିଥିଲେ। ଡିପିଏମ୍ ମନୋରଞ୍ଜନ ସାହୁ ,ଜିଲା ଭେକ୍ଟରବାହିତ ରୋଗ ପରାମର୍ଶଦାତା ପ୍ରମୁଖ ଯୋଗ ଦେଇ ବିଭିନ୍ନ ତଥ୍ୟ ଉପସ୍ଥାପନା କରିଥିଲେ।

# କୁଇ ସମାଜର ବୈଠକ, କର୍ମକର୍ତ୍ତା ଚୟନ

ଫୁଲବାଣୀ ଅଫିସ,୨୬।୪(ଡି.ଏନ.ଏ.)

ଫୁଲବାଣୀସ୍ଥିତ କାର୍ଯ୍ୟାଳୟରେ କୁଇ ସମାଜ ସେବା ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ସୁଦର୍ଶନ କହଁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଡ. ନୀରଦ ଚନ୍ଦ୍ର କହଁର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଆଗାମୀ ଦିନରେ କୁଇ ସମାଜକୁ ଆହୁରି ସୁଦୃଢ କରିବା ଉପରେ ଆଲୋଚନା ସହ ବିଭିନ୍ନ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବା ପାଇଁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲା। ଏହି ଅବସରରେ ସମିତିର ବିଭିନ୍ନ ପଦପଦବୀ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ମୁଖ୍ୟସଭ୍ୟ ଭାବେ ଗୌତମ କହଁର ନିର୍ବାଚିତ ହୋଇଥିବା ବେଳେ ସଭାପତି ଭାବେ ସୁଦର୍ଶନ କହଁର ପୁନଃନିର୍ବାଚିତ ହୋଇଥିଲେ । ରମାକାନ୍ତ ମଲିକ ଉପ ସଭାପତି, ଅବନୀ କହଁର ସଂପାଦକ, ଅଚ୍ୟୁତ ଜାନୀ ସହ ସଂପାଦକ, ଭାବୀନ୍ଦ୍ର କହଁର କୋଷାଧ୍ୟକ୍ଷ, ନାରୀ ସଭାନେତ୍ରୀ ଭାବେ ସୌଦାମିନୀ କହଁର, ଉପ ସଭାନେତ୍ରୀ ଭାବେ ସାଇବାଣୀ କହଁର ମନୋନୀତ ହୋଇଛନ୍ତି। ସେହିପରି ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଭାବେ ଦୁର୍ଯ୍ୟୋଧନ ପ୍ରଧାନ, ବିଶ୍ୱମ୍ବର ପ୍ରଧାନ, ପଞ୍ଚାନନ କହଁର, ମୁକୁନ୍ଦ କହଁରଙ୍କୁ ମନୋନୀତ କରାଯାଇଛି । ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ପୂର୍ବତନ ମୁଖ୍ୟ ସଭ୍ୟ ଅନାଦି ମଲିକ ଶପଥ ପାଠ କରାଇଥିଲେ ।

# ଜଙ୍ଗଲ ସୁରକ୍ଷା କର୍ମୀଙ୍କୁ ଆକ୍ରମଣ ମାମଲା

- ପ୍ରମାଣ ଅଭାବରୁ ୫ ଅଭିଯୁକ୍ତ ନିର୍ଦ୍ଦୋଷ
- ଦୁର୍ଦ୍ଦାନ୍ତ କୁନାଙ୍କ ନାଁରେ ଏନ୍‌ବିଡବ୍ଲ୍ୟୁ ଜାରି

ବ୍ରହ୍ମପୁର ଅଫିସ,୨୬।୪

ଅତିରିକ୍ତ ଜିଲା ଜଜ୍ -୧ ସଂଘମିତ୍ରା ଶର୍ମା ମଙ୍ଗଳବାର ଏକ ଆକ୍ରମଣ ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ୫ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଦିଗପହଣ୍ଡି ଥାନା ଅନ୍ତର୍ଗତ ଚାଞ୍ଚଡାପଲୀର ତୁଫାନ ଗୌଡ଼, ଶିଶିର ବିଷୋୟୀ, ନବୀନ ନାହାକ, ବନ୍ଧପଲୀର ଶ୍ୟାମା ପାଢ଼ୀ ଓ ନରସିଂହପୁରର ଜୟସେନ ଗୌଡ଼। ସେହିପରି ଏହି ମାମଲାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା କୁନା ବେହେରା ବିଚାର ବେଳେ କୋର୍ଟରେ ହାଜର ହୋଇ ନ ଥିଲେ। ଏଣୁ କୁନାଙ୍କ ନାଁରେ ପୂର୍ବରୁ କୋର୍ଟ ଜାମିନବିହୀନ ଗିରଫ ପରୱାନା ଜାରି କରିଛି।
ପ୍ରକାଶ ଯେ, ଗୋଳନ୍ଥରା ଥାନା ଅନ୍ତର୍ଗତ ଝିଙ୍କିପଦର ଗ୍ରାମ ନିକଟରେ ଏକ ଜଙ୍ଗଲ ରହିଛି। ଉକ୍ତ ଗ୍ରାମର ଲୋକମାନେ ପାଳି କରି ଜଙ୍ଗଲ ସୁରକ୍ଷା କରୁଛନ୍ତି। ୨୦୧୨ ମେ ୧୭ ସନ୍ଧ୍ୟାରେ ଗ୍ରାମର ଅଭି ଦାସ ଓ ଭିକାରୀ ଦାସ ଜଙ୍ଗଲ ସୁରକ୍ଷା ଦାୟିତ୍ୱରେ ଥିଲେ। ସେଠାକୁ ପଶୁ ଶିକାର କରିବା ପାଇଁ ଆସିଥିବା କୁନା ଓ ତାଙ୍କ ସହଯୋଗୀ ମାନେ ଉକ୍ତ ଜଙ୍ଗଲ ନିକଟରେ ପହଞ୍ଚିଥିଲେ। ଅଭି ଓ ଭିକାରୀଙ୍କୁ ସେଠାରୁ ଚାଲିଯିବାକୁ ସେମାନେ ଧମକ ଦେଇଥିଲେ। ସେମାନେ ରାଜି ନ ହେବାରୁ ଦୁର୍ବୃତ୍ତମାନେ ସେଠାରେ ବୋମାମାଡ କରିବା ସହ ଆତଙ୍କ ଖେଳାଇ ଥିଲେ। ଏପରିକି ଉଭୟ ଅଭି ଓ ଭିକାରୀଙ୍କୁ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିବା ସହ ସେମାନଙ୍କୁ ଜାତିଆଣ କଟୁ ମନ୍ତବ୍ୟ ଦେଇଥିଲେ। ପରେ ଅଭି ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୭୧/୧୨ ରେ ଏସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ସେମାନେ ଜାମିନ ପାଇଥିଲେ। ଏହି ମାମଲାର ବିଚାର ବେଳେ ୧୩ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଜଜ୍ ପ୍ରମାଣ ମିଳି ନ ଥିବାରୁ ଉପରୋକ୍ତ ୫ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ଅକ୍ଷୟ ପଟ୍ଟନାୟକ, ରଘୁନାଥ ପ୍ରସାଦ ପାଣିଗ୍ରାହୀ ଓ କିଶୋର ଚନ୍ଦ୍ର ସାହୁ ମକଦ୍ଦମା ପରିଚାଳନା କରିଥିଲେ।

### ଏମ୍‌କେସିଜିରେ ଖାଲିଥିବା ଡାକ୍ତର ନିଯୁକ୍ତି ଦାବି
# ପଦବୀ ପୂରଣ ନ ହେଲେ ଘଣ୍ଟଯାତ୍ରା ଚେତାବନୀ

ବ୍ରହ୍ମପୁର ଅଫିସ,୨୬।୪

ବ୍ରହ୍ମପୁର ଏମ୍‌କେସିଜ ମେଡିକାଲ ହସ୍ପିଟାଲ ଉପରେ ଦକ୍ଷିଣ ଓଡ଼ିଶା ସମେତ ପଡୋଶୀ ଆନ୍ଧ୍ରପ୍ରଦେଶ ଓ ପୁରୀ ଜିଲାର ରୋଗୀ ସ୍ୱାସ୍ଥ୍ୟ ସେବା ପାଇଁ ନିର୍ଭର କରନ୍ତି। ହେଲେ ଏହି ହସ୍ପିଟାଲରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ୨୧ ଜଣ ଡାକ୍ତରଙ୍କୁ ଗତ ପ୍ରାୟ ୧ ମାସ ହେବ ବଦଳି କରାଯାଇଛି। ଏହାକୁ ବିରୋଧ କରି ମାନବ ଅଧିକାର ସୁରକ୍ଷା ମଞ୍ଚ ସମେତ ବିଭିନ୍ନ ଗଣ ସଂଗଠନ ଏହାର ଦୃଢ ବିରୋଧ କରିବା ସହ ମଙ୍ଗଳବାର ଏମ୍‌କେସିଜି ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ କରିଥିଲେ। ତୁରନ୍ତ ଡାକ୍ତର ପଦବୀ ପୂରଣ ଓ ରୋଗୀ ଦେଖା ସମୟରେ ଅନୁପସ୍ଥିତ ରହୁଥିବା ଡାକ୍ତରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ । ମାନବ ଅଧିକାର ସୁରକ୍ଷା ମଞ୍ଚ ଆବାହକ ଅବନୀ ଗୟାଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ ବିକ୍ଷୋଭରେ ଜିଲାର ବିଭିନ୍ନ ଗଣ ସଂଗଠନ ନେତୃବୃନ୍ଦ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ଏମ୍‌କେସିଜି ମେଡିକାଲରେ ବର୍ତ୍ତମାନ ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ଡାକ୍ତର ପଦବୀ ଖାଲି ପଡ଼ିଛି, ନୂତନ ନିଯୁକ୍ତି ଦିଆଯାଉନାହିଁ। ଯାହା ପାଇଁ ରାଜ୍ୟ ସରକାର ଦାୟୀ ବୋଲି ମାନବ ସୁରକ୍ଷା ଅଧିକାର ମଞ୍ଚର ଆବାହକ ଗୟା କହିଛନ୍ତି। ଅନ୍ୟପକ୍ଷରେ ଏଠାରେ ନିୟୋଜିତ କେତେକ ବରିଷ୍ଠ ଡାକ୍ତର ହସ୍ପିଟାଲକୁ ନ ଆସିବା ଆଉ ଏକ ଚିନ୍ତାର କାରଣ ହୋଇଛି। ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ନିଜ ନିଜ ଘରୋଇ କ୍ଲିନିକରେ ବ୍ୟସ୍ତ ରହି ବ୍ୟବସାୟ ଚଳାଉଛନ୍ତି। ଡାକ୍ତର ନିଯୁକ୍ତି ଦିଆ ନ ଗଲେ ପୁଣି ଥରେ ଘଣ୍ଟ ଯାତ୍ରା ଆନ୍ଦୋଳନ ଆରମ୍ଭ ହେବ ବୋଲି ଉପସ୍ଥିତ ବୁଦ୍ଧିଜୀବୀମାନେ ଚେତାବନୀ ଦେଇଛନ୍ତି। ଏଥିରେ ରବି ରଥ, ସୁଧୀର ରାଉତ, ଶଙ୍କର ସାହୁ, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ବଂଶୀଧର ଭୂୟାଁ ଓ ଗଗନ ଚନ୍ଦ୍ର ମଲ୍ଲିକ ପ୍ରମୁଖ ନିଜ ନିଜ ବକ୍ତବ୍ୟରେ ଡାକ୍ତର ନିଯୁକ୍ତି ପାଇଁ ଦାବି ଉପସ୍ଥାପନ କରିଛନ୍ତି।



ଏମ୍‌କେସିଜି ମେଡିକାଲ ମୁଖ୍ୟ ଗେଟଠାରେ ବିଭିନ୍ନ ଗଣ ସଂଗଠନର ବିକ୍ଷୋଭ ।

